

# ଭୁବନେଶ୍ୱର ସିଟି

## ଲକ୍ଷ୍ମୀସାଗର ଆକ୍ରମଣ ଘଟଣା

# ବିଜେପି କର୍ପୋରେଟର୍ ପ୍ରାର୍ଥୀ ଗିରଫ



ଭୁବନେଶ୍ୱର, ୩।୨(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଲକ୍ଷ୍ମୀସାଗର କେନାଲ ରୋଡ଼ରେ ହୋଇଥିବା ଆକ୍ରମଣ ଘଟଣାରେ ବିଜେପି କର୍ପୋରେଟର ପ୍ରାର୍ଥୀଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଭୁବନେଶ୍ୱର ୪୫ନମ୍ବର ୱାର୍ଡର ପ୍ରଶାନ୍ତ ନାୟକ ଓରଫ ବନି। ଏଥି ସହିତ ଅନ୍ୟ ୪ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଛି ପୁଲିସ। ଅଭିଯୋଗ ଅନୁଯାୟୀ ବନି ସେମାନଙ୍କୁ ଟଙ୍କା ଦେଇ ଲକ୍ଷ୍ମୀସାଗର କେନାଲ ରୋଡ଼ରେ ଯୁବ ନେତା ଇତିଶ ପ୍ରଧାନଙ୍କୁ ଆକ୍ରମଣ ସହ ତା'ର ସୁନା ଚେନ ଓ ମୋବାଇଲ ଛଡାଇ ନେଇଥିଲେ। ଏହି ଘଟଣାରେ ପୁଲିସ ତଦନ୍ତବେଳେ ପ୍ରଥମେ ଛିନତାଇ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ପୂର୍ବ ରାଗ ଶୁଝାଇବାକୁ ଏଭଳି କାରନାମା ଘଟାଇଥିବା ଜଣାପଡ଼ିଥିଲା। ଛିନତାଇ, ମରଣାନ୍ତକ ଆକ୍ରମଣ ଓ ଷଡ଼ଯନ୍ତ୍ର ଭଳି ମାମାଲାରେ କୋର୍ଟ ଚାଲାଣ କରିଛି। ଜଣେ ନେତା ହୋଇ ବନି ଏଭଳି ଅପରାଧିକ ଷଡ଼ଯନ୍ତ୍ର କରିଥିଲେ। ତାଙ୍କ ନାଁରେ ଅନେକ ଥାନାରେ କେସ୍ ରହିଥିଲା।

ଏସମ୍ପର୍କରେ ଆକ୍ରମଣର ଶିକାର ହୋଇଥିବା ଇତିଶ କହିଛନ୍ତି, ସୂଚନାଯୋଗ୍ୟ, ଫେବୃଆରୀ ପହିଲା ଦିନ ଅଭିଯୋଗକାରୀ ସ୍କୁଟି ଯୋଗେ ତାଙ୍କ ଘରକୁ ଫେରୁଥିବାବେଳେ ଗୁରୁକୁଳ ସ୍କୁଲ ନିକଟରେ ୩ ଜଣ ଦୁର୍ବୃତ୍ତ ମୋଟର୍ ସାଇକେଲରେ ଆସି ଜୋରଜବରଦସ୍ତ ଅଟକାଇଥିଲେ। ତାଙ୍କୁ ଗାଳିକରିବା ସହ ପିନ୍ଧିଥିବା ସୁନା ଚେନ ଦେବା ଲାଗି କହିଥିଲେ। ଅଭିଯୋଗକାରୀ ଘଟଣା ସମ୍ପର୍କରେ ପ୍ରଶ୍ନ କରିବାରୁ, ସେମାନଙ୍କ ମଧ୍ୟରୁ ଜଣେ ହଠାତ ଏକ ଖଣ୍ଡା ବାହାର କରି ଆକ୍ରମଣ କରିଥିଲେ। କିନ୍ତୁ ଅଭିଯୋଗକାରୀ ନିଜକୁ ବଞ୍ଚାଇବା ଲାଗି ହାତ ଦେଖାଇ ଦେଇଥିଲେ। ଫଳରେ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସେ ବଡ ପାଟି କରି ସାହାଯ୍ୟ ମାଗିବାରୁ କିଛି ଲୋକ ଘଟଣା ସ୍ଥଳକୁ ଆସିଥିଲେ। ଏହା ଦେଖି ଦୁର୍ବୃତ୍ତମାନେ ମୋଟରସାଇକେଲ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ଅଭିଯୋଗକାରୀ ଦେବେନ୍ଦ୍ର କୁମାର ଭୋଳ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଅଭିଯୋଗକାରୀଙ୍କ ଉପରେ ଏହି ଆକ୍ରମଣ ହୋଇଥିଲା। ମାମଲାର ଅଧିକ ତଦନ୍ତ ଚାଲିଥିବାବେଳେ ପୁଲିସ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଚଢ଼ଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତମାନେ ଅପରାଧ ସ୍ୱୀକାର କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀସାଗର ଥାନା କେନାଲ ରେଡର ସନ୍ତୋଷୀ ବିହାର ଲେନ-୧ ଅଞ୍ଚଳର ପ୍ରିୟ ରଞ୍ଜନ ଦାସ ଓରଫ ଗୁଡ୍ଡୁ (୨୨), ଲକ୍ଷ୍ମୀସାଗର ଥାନା କେନାଲ ରେଡ୍ ନିକଟ ଚତୁର୍ଭୁଜ କଟେଜ ନିକଟ ରାଜେଶ କୁମାର ବେହେରା ଓରଫ ରିଙ୍କୁ (୨୫) ଓ ମୁଖ୍ୟ ଅଭିଯୁକ୍ତ ତଥା ଷଡଯନ୍ତ୍ରକାରୀ ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଅଞ୍ଚଳ ପ୍ରଶାନ୍ତ ନାୟକ ଓରଫ ବନି (୪୨)।

## ପାଞ୍ଚଜଣଙ୍କୁ ମିଳିବ ସିନ୍ଧୁଜା ସମ୍ମାନ

ଭୁବନେଶ୍ୱର, ୩।୨(ସମିସ): ମାସିକ ପାରିବାରିକ ମହିଳା ପତ୍ରିକା 'ସିନ୍ଧୁଜା'ର ଚତୁର୍ଦ୍ଦଶଦଶତମ ବାର୍ଷିକ ଉତ୍ସବ ଆସନ୍ତା ୮ ତାରିଖରେ (ରବିବାର) ସନ୍ଧ୍ୟା ୬ଘଟିକା ସମୟରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ 'ଗ୍ରାମୀଣ ଓଡ଼ିଶାର ବିକାଶରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଭୂମିକା' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ, ସିନ୍ଧୁଜା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅୟୋଜିତ ହେବ।

ଡ. ଅର୍ଚ୍ଚନା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ ଜଣ ପ୍ରତିଭାଙ୍କୁ ସିନ୍ଧୁଜା ସମ୍ମାନରେ ସମ୍ମାନିତ କରାଯିବ। ସେମାନଙ୍କ ମଧ୍ୟରେ ଗଳ୍ପ ପାଇଁ ଡ. ଗଣେଶ୍ୱର ଜେନା, କବିତା ପାଇଁ ଅଖିଳ କୁମାର ମିଶ୍ର, ପ୍ରବନ୍ଧ ପାଇଁ ଅଧ୍ୟାପିକା ରୂପାଲି ମହାରଣା, କର୍ପୋରେଟ୍ ସମ୍ମାନ ପାଇଁ ଶୁଦ୍ଧି ରଞ୍ଜନ ମିଶ୍ର ଓ ସିନ୍ଧୁଜା ସେବା ସମ୍ମାନ ଶ୍ରୀମତୀ ଦେବଯାନୀ ଦାସଙ୍କୁ ପ୍ରଦାନ କରାଯିବ। ଏଥିସହିତ ଓଡ଼ିଶୀ ନୃତ୍ୟ ଓ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ ବୋଲି ସମ୍ପାଦିକା ଶର୍ମିଳା ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ନାବାଳିକା ଅସଦାଚରଣକାରୀଙ୍କୁ ୫ବର୍ଷ ଜେଲ

ଭୁବନେଶ୍ୱର, ୩।୨(ସମିସ): ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ମାମଲାର ଶୁଣାଣି କରି କୋର୍ଟ ସାଜିତ ଖାଁଙ୍କୁ ୫ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ପୋକସୋ ଆଇନର ଧାରା-୧୦ ଅନୁଯାୟୀ ୫ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜୋରିମାନା ଅନାଦେୟ ଅତିରିକ୍ତ ୨ ମାସର କାରାଦଣ୍ଡ ଭୋଗିବାକୁ ହେବ। ୯ ଜଣ ସାକ୍ଷୀଙ୍କ ଜବାନବନ୍ଦି ଏବଂ ୧୭ଟି ପ୍ରାସଙ୍ଗିକ ଦସ୍ତାବିଜ ଅଧ୍ୟୟନ କରି କୋର୍ଟ ଏହି ରାୟ ଶୁଣାଇଥିଲେ। ସୂଚନା ଅନୁଯାୟୀ, ଅଭିଯୋଗକରିଣୀ ସ୍ୱର୍ଣ୍ଣଲତା ଭୋଇ ପରିବାର ସହ ବାଲିପାଟଣା ଥାନା ଅଞ୍ଚଳରେ ରୁହନ୍ତି। ଅଭିଯୁକ୍ତ ସାଜିତ ଖାଁ ତାଙ୍କ ଘର ନିକଟରେ ଭଡା ସୂତ୍ରରେ ରହିଆସୁଥିଲେ। ଗତ ୨୦୨୫ ମେ ୩୦ ରାତ୍ରି ପ୍ରାୟ ୮ ଟା ସମୟରେ ଅଭିଯୋଗକାରିଣୀ ପାଖ ପଡୋଶୀ ଛୋଟ ଛୁଆଙ୍କୁ ଟ୍ୟୁସନ କରିସାରିବା ପରେ ତାଙ୍କ ଘରକୁ ଛାଡିବା ଲାଗି ଯାଇଥିଲେ। ଏହି ସମୟରେ ଘରେ ତାଙ୍କର ୯ ବର୍ଷ ବୟସ୍କା ନାବାଳିକା ଝିଅ ଥିଲେ। ଘରୁ ଫେରିବା ବେଳେ, ଘର ନିକଟସ୍ଥ ଏକ ଅନ୍ଧାରୁଆ ସ୍ଥାନରେ ଅଭିଯୁକ୍ତ ସାଜିତ ଖାଁ, ତାଙ୍କ ଝିଅ ସହ ଅସଦାଚରଣ କରିଥିବା ନେଇ ପୀଡିତା ନାବାଳିକା କାନ୍ଦିକାନ୍ଦି ଆସି ମାଙ୍କୁ ସବୁ କଥା କହିଥିଲେ। ଝିଅ ନିକଟରୁ ଘଟଣା ସମ୍ପର୍କରେ ଅବଗତ ହେବାପରେ ପରିବାର ଲୋକେ ବାଲିପାଟଣା ଥାନାରେ ଦ୍ୱାରସ୍ଥ ହୋଇଥିଲେ।

## 'ବରବଧୂ'ର ଟ୍ରେଲର୍ ରିଲିଜ୍



ଭୁବନେଶ୍ୱର, ୩।୨(ସମିସ): ରିଲିଜ୍ ହେଲା ଓଡ଼ିଆ ପାରିବାରିକ ଚଳଚ୍ଚିତ୍ର 'ବର ବଧୂ'ର ଟ୍ରେଲର ରିଲିଜ୍ କାର୍ଯ୍ୟକ୍ରମ ଏସପ୍ଲାନେଡ ମଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦ ଯୁଜଫୁଲ ଗାରବେଜ୍ କ୍ରିଏସନ୍ସ ବ୍ୟାନର ଏବଂ କଣ୍ଟି ବଏଜ୍ ଷ୍ଟୁଡିଓ ଓ ସାର୍ପଲିନ୍ ଫିଲ୍ମ ପ୍ରାଇଭେଟ ଲିମଟେଡ ସହଯୋଗରେ ନିର୍ମିତ ଏହି ସିନେମାର ପ୍ରଯୋଜନା ଚନ୍ଦ୍ରମଣି କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱରଞ୍ଜନ। ନିଛକ ଓଡ଼ିଆ କାହାଣୀ ଉପରେ ଆଧାରିତ ଏହି ସିନେମାରେ ସୁଭାଶିଷ ଶର୍ମା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ହର ରଥ ଓ ଭାସ୍ୱତୀ ବସୁ ପ୍ରମୁଖଙ୍କ ଅଭିନୟ ଦର୍ଶକ ମହଲରେ ବେଶ୍ ଆଦୃତ ହୋଇଛି। ସିନେମାର ଟ୍ରେଲର ରିଲିଜ୍ ଅବସରରେ ସମସ୍ତ ଷ୍ଟାରକାଷ୍ଟ, ଟେକନିସିଆନ୍ ଓ ସିନେପ୍ରେମୀ ଉପସ୍ଥିତ ଥିଲେ। ଆସନ୍ତା ଫେବୃଆରୀ ୧୩ ତାରିଖରେ ଓଡ଼ିଶାର ସମସ୍ତ ସିନେମା ହଲରେ 'ବର ବଧୂ' ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ମେଡିସିନ୍ ବ୍ୟାଙ୍କ ପକ୍ଷରୁ ମିଳିବ ଆମ୍ବୁଲାନ୍ସ ସେବା



**ମେଡିସିନ ବ୍ୟାଙ୍କର ବାର୍ଷିକ ଉତ୍ସବ**

ଭୁବନେଶ୍ୱର, ୩।୨(ସମିସ): ରାଜ୍ୟର ୧୪୭ ବିଧାନସଭା ନିର୍ବାର୍ଚନମଣ୍ଡଳୀରେ ମେଡିସିନ୍ ବ୍ୟାଙ୍କ ପକ୍ଷରୁ ଆମ୍ବୁଲାନ୍ସ ସେବା ସହ ଆୟୁର୍ବେଦିକ କ୍ଲିନିକ ସହ ଓ ଔଷଧ ଆଗାମୀ ମେ ୮ ତାରିଖ ଠାରୁ ଉପଲବ୍ଧ ହେବ ବୋଲି ମେଡିସିନବ୍ୟାଙ୍କର ଅଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଜୟଦେବ ଭବନ ଠାରେ ମେଡିସିନବ୍ୟାଙ୍କର ୩୬ତମ ବାର୍ଷିକ ଉତ୍ସବରେ ମେଡିସିନବ୍ୟାଙ୍କର ଉପଦେଷ୍ଟା ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଓଡ଼ିଶାରେ ଗୁଣାତ୍ମକ ଔଷଧ ସୁଲ ମୂଲ୍ୟରେ ମିଳିବା ଲକ୍ଷ୍ୟରେ ୩୧୪ଟି ବ୍ଲକରେ ମେଡିସିନବ୍ୟାଙ୍କ ତାର ଶାଖା ସ୍ଥାପନ ପାଇଁ ଚେଷ୍ଟା ଜାରି ରହିଛି। ସରକାରୀ ଡାକ୍ତରଖାନାରେ ମିଳୁଥିବା ଔଷଧ ଗୁଡିକର ଗୁଣବତ୍ତା ଉଚ୍ଚମାନର ରହିବାପାଇଁ ସରକାର ଚେଷ୍ଟା କରିବା ଉଚିତ ବୋଲି ସେ କହିଛନ୍ତି। ଓଡ଼ିଶାରେ ଥିବା ଔଷଧ ଦୋକାନ ଗୁଡିକରେ ପୂର୍ଣ୍ଣକାଳୀନ ଫାର୍ମାସିଷ୍ଟ ମାନଙ୍କର ଘୋର ଅଭାବ ରହିଛି। ମେଡିସିନବ୍ୟାଙ୍କ ପକ୍ଷରୁ ପ୍ରତିଜିଲ୍ଲାରେ ଫାର୍ମାସିଷ୍ଟ ତାଲିମକେନ୍ଦ୍ର ପ୍ରତିଷ୍ଠା ପାଇଁ ଉଦ୍ୟମ ହେଉଛି। ଆଇଆଇଟି ଅରଗୁଳଠାରେ ଏକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ପ୍ରାୟ ୨୫ ଏକର ଜମିରେ ଏକ ୨୫ହଜାରବର୍ଗଫୁଟର ଗୃହରେ ଖୁବ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହି ଉତ୍ସବରେ ପ୍ରାରମ୍ଭରେ ମେଡିସିନବ୍ୟାଙ୍କର ଅଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ ଅନୁଷ୍ଠାନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅବିନାଶ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଚସିଜି ପଣ୍ଡା କ୍ୟାନସର ହସପିଟାଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶିକା ଡଃ ସ୍ମିତା ପାଢ଼ୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ଡଃ ଲତିକା ସିଂହ, ଓଡ଼ିଶା ଡିଜିଟାଲ ମିଡିଆର ଆସୋସିଏସନର ସଭାପତି ତୁଷାର ପଟ୍ଟନାୟକ ଏବଂ ରାୟଗଡ଼ାସ୍ଥ ଉତ୍କଳ ଲ କଲେଜର ଅଧ୍ୟକ୍ଷ ଅଶୋକ କୁମାର ମିଶ୍ର, ମେଡିସିନ ବ୍ୟାଙ୍କର ସମ୍ପାଦିକା ରୀତାଞ୍ଜଳି ଆଚାର୍ଯ୍ୟ, ଆଲଫା ରାୟ ଉପସ୍ଥିତ ଥିଲେ।

## ଚୋରା ବାଇକ ବିକ୍ରି ଅଭିଯୋଗରେ ଯୁବକ ଗିରଫ



ହଂସପାଳ, ୩।୨ (ସମିସ): ଚୋରା ବାଇକ ବିକ୍ରି କରିବା ଅଭିଯୋଗରେ ପାହାଳ ଥାନା ପୁଲିସ କଟକ ଜିଲ୍ଲା ସଦର ଥାନା ଗୋବସ୍ତ ଗୋବିଲୋ ଗ୍ରାମର ହେମନ୍ତ ଭୋଇ(୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ମେଘରାଇ ସୋରେନ ପଞ୍ଚବଟୀ ତ୍ରିନାଥବଜାର ଅଞ୍ଚଳରେ ଦିନ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଲେ ଯେ ହେମନ୍ତ ନାମକ ଜଣେ ବ୍ୟକ୍ତି ଚୋରି ବାଇକ ଏବଂ ଚେସିସ୍ ଟ୍ରାକ୍ଟରରେ ଲୋଡ୍ କରି ପଞ୍ଚବଟି ବଜାରର କବାଡିଆକୁ ବିକ୍ରି କରିବାକୁ ଯାଉଛନ୍ତି। ସଙ୍ଗେ ସଙ୍ଗେ ପୁଲିସ ଟିମ ପଞ୍ଚବଟିରେ ପହଞ୍ଚି ଟ୍ରାକ୍ଟରକୁ ଅଟକାଇଥିଲେ। ଉକ୍ତ ବାଇକ ଏବଂ ଚେସିସ୍ ର ସତ୍ୟତା ପଚରାଯିବାରୁ ହେମନ୍ତ କୌଣସି କାଗଜପତ୍ର ପୋଲିସକୁ ଦେଖାଇପାରି ନ ଥିଲେ। ପଚରାଯିବାରୁ ସେ ଚୋରି ଗାଡ଼ି କବାଡ଼ିଆ କୁ ବିକ୍ରି କରିବାକୁ ନେଉଥିବା ନିଜର ଦୋଷ ସ୍ୱୀକାର କରିଥିଲେ। ଏପରି ଜିନିଷ ରଖିବା ଏବଂ ବିକ୍ରୟ କରିବା ପାଇଁ କୌଣସି ଆଇନଗତ ପ୍ରମାଣପତ୍ର ଦେଖାଇ ପାରି ନ ଥିଲେ। ଘଟଣାସ୍ଥଳରୁ ଗୋଟେ ଟ୍ରାକ୍ଟର, ହିରୋ ମଟର ସାଇକେଲ ଏବଂ ଚେସିସ୍‌କୁ ପୁଲିସ ଜବତ କରିବା ସହ ହେମନ୍ତଙ୍କୁ ଗିରଫ କରିଥିଲେ।

## ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର,୩।୨(ସମିସ): ଭୁବନେଶ୍ୱର ପାଣ୍ଡବନଗରସ୍ଥିତ ଅଭ୍ୟୁଦୟ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ରୋଗୀସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି କଟକ ଓ ଭୁବନେଶ୍ୱରରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। କଟକର କୁଆଁରପୁର ଓ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ରୋଗୀ ଓ ଅସହାୟ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସେମାନଙ୍କୁ କମ୍ବଳ ଓ ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ପ୍ରବୀର ଆଚାର୍ଯ୍ୟ ରୋଗୀଙ୍କ ବିଷୟରେ ପଚାରି ବୁଝିଥିଲେ। ସେମାନେ କିପରି ଶୀଘ୍ର ଆରୋଗ୍ୟ ହେବେ ଡାକ୍ତର ପରାମର୍ଶ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ତପନ ଶତପଥୀ ସହଯୋଗ କରିଥିଲେ। ପ୍ରଭାତ ଆଚାର୍ଯ୍ୟ ଓ ବରୁଣ ସୁତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୁବକ, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

**● ମଞ୍ଚସ୍ଥ ହେଲା 'କଥାନୀ ଢଲତି ବେଲାର୍'**

## କେବେ କେବେ ପୁଅ ପାଇଁ ବୋଝ ପାଲଟିଯାଏ ଗର୍ଭଧାରିଣୀ ମାଆ !

ଭୁବନେଶ୍ୱର, ୩।୨(ସମିସ): ପିତୃସତ୍ୟ ରକ୍ଷା କରି ରାମଚନ୍ଦ୍ର ହୋଇଯାଆନ୍ତି ପୁରୁଷୋତ୍ତମ। ମାତା, ପିତାଙ୍କ ସେବାକରି ଶ୍ରବଣ କୁମାର ପରିଚୟ ପାଆନ୍ତି ଆଦର୍ଶ ପୁତ୍ର। ଏମିତି ଅନେକ ପୁରାଣ ବର୍ଣ୍ଣିତ ଉଦାହରଣ ଭାରତୀୟ ସଂସ୍କୃତି ପରମ୍ପରାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ। କର୍ତ୍ତବ୍ୟ ନିବୃତ ପ୍ରତ୍ୟେକ ମା, ବାପା ତାଙ୍କର ଅବଶିଷ୍ଟ ଦିନଗୁଡ଼ିକୁ ନିଜ ସନ୍ତାନ ସନ୍ତତିଙ୍କ ସହ ହସ ଖୁସିରେ କାଟିବାର ମନୋଭାବ ପୋଷଣ କରିବା କ'ଣ ଭୁଲ? ପୁଅ, ବୋହୂଙ୍କ ପାଖରୁ ଦୁଇପଦ ମିଠା କଥାର ଆଶା ରଖିବା ସତରେ କ'ଣ ଗୋଟେ ଅପରାଧ? ସତରେ କଣ ଯୁଆନ ପୁଅ ପାଇଁ ବୋଝ ପାଲଟି ଯାଏ ତା'କୁ ନଅ ମାସ ଗର୍ଭରେ ଧାରଣ କରିଥିବା ମା? ଆଜିର ସମୟରେ ପୁଅ ପାଇଁ ମୁଁ ଓ ମୋର ପରିଧି କେବଳ ମାତ୍ର ସୀମିତ ହୋଇ ରହି ଯାଉଛି ପୁଅ, ଝିଅ, ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଆଉ ମା, ବାପା ପରିଧି ବାହାରେ ରହି ସେମାନଙ୍କର ଶୁଭ ମନାସୁଛନ୍ତି, ସମୟ କେବଳ ଏହି ବିଚିତ୍ର ବିଡ଼ମ୍ବନାର ମୂକ ସାକ୍ଷୀ ହୋଇ ରହି ଯାଉଛି। ଏଭଳି କଥାବସ୍ତୁକୁ ନେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟ ଧାରା ପକ୍ଷରୁ ସୋମବାର ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'କଥାନୀ ଢ଼ଲତି ବେଲାର୍'। ଏହି ନାଟକକୁ 'ସମ୍ବଲପୁର ନାଟ୍ୟ କଳା ପରିଷଦ'ପରିବେଷଣ କରିଥିଲେ। ନାଟକର ରଚନା ବିରୂପାକ୍ଷ ପ୍ରଧାନ କରିଥିବା ବେଳେ ଦିଲ୍ଲୀପ କୁମାର ଦେବ ନିର୍ଦ୍ଦେଶନା ଓ ରବୀନ୍ଦ୍ର ପଣ୍ଡା ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆକାଶବାଣୀର ପୂର୍ବତନ ଷ୍ଟେସନ ଡାଇରେକ୍ଟର କୃତିବାସ ନାୟକ ଯୋଗ ଦେଇଥିବା ଭାବେ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



## ଜେଲ୍ ଭିତରେ ବଞ୍ଜାରାଙ୍କ ହେବ ଟିଆଇ ପରେଡ

ଭୁବନେଶ୍ୱର, ୩।୨(ସମିସ): ଚୋରି ଛିନତାଇ ମାମଲାରେ ଆସାମୀ ଚିହ୍ନଟ ପାଇଁ ଝାରପଡ଼ା ଜେଲ ଭିତରେ ବଞ୍ଜାରାଙ୍କ ଟିଆଇ ପରେଡ଼ ହେବ। ପ୍ରକାଶ ଥାଉ କି ଗିରଫ ଅଭିଯୁକ୍ତମାନେ ମହିଳାଙ୍କୁ ଢାଲ କରି ଜାଲ ବିଛାଇଥିଲେ। ଆଖି ପିଛୁଳାକେ ପକେଟ କାଟୁଥିଲେ ଓ ଚେନ ଝାମ୍ପୁଥିଲେ। ରାଜ୍ୟ ବାହାରୁ ଆସି କଳ୍ପନାରୁ ଖଣ୍ଡଗିରି ଆଉ ନନ୍ଦନକାନନରୁ ନୂଆପଲ୍ଲୀ, ସବୁଠି ଲୁଟପାଟ କରୁଥିଲେ। ଏକୁଟିଆ ବ୍ୟାଗ ଧରିଥିବା ମହିଳା ହୁଅନ୍ତୁ, ଅଥବା ମେଳା ମହୋତ୍ସବ ଗହଳି, ଯାତ୍ରୀଙ୍କଠୁ ବ୍ୟାଗ ଝାମ୍ପୁଥିଲେ। ସିସିଟିଭି କି ପୁଲିସ ପାଇଁତରା, କାହାରିକୁ ଖାତିର ନକରି ଖଣ୍ଡଗିରି ମେଳାକୁ ଆସୁଥିବା ଲୋକଙ୍କଠାରୁ ବେଧଡକ ଲୁଟ ହେଉଥିବାବେଳେ ୧୦ ଲକ୍ଷ ଟଙ୍କାର ସୁନା ଗହଣା, ନଗଦ ଟଙ୍କା, ମୋବାଇଲ ଲୁଟ ଘଟଣାରେ ନୂଆପଲ୍ଲୀ ଓ ଖଣ୍ଡଗିରି ଥାନା ପୁଲିସ ୧୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ସମ୍ପୃକ୍ତି ଅନ୍ୟ କେସରେ ଥିବା ସନ୍ଦେହ କରିବା ପରେ ଏହି ବଞ୍ଜାରାଙ୍କ ଟିଆଇ ପରେଡ଼ ହେବ। ୧୨ ତାରିଖରେ ଝାରପଡ଼ା ଜେଲରେ ଏମାନଙ୍କ ପରେଡ଼ ହେବ ବୋଲି କମିସନରେଟ ପୁଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଖଣ୍ଡଗିରି ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିବା ଗ୍ୟାଙ୍ଗ ଯାତ୍ରା ସହ ବରମୁଣ୍ଡା ବସ୍ ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀଙ୍କୁ ଟାର୍ଗେଟ କରୁଥିଲେ। ଏମାନଙ୍କର ଏକ ବଡ଼ ଗ୍ୟାଙ୍ଗ ବାହାର ରାଜ୍ୟରୁ ଅପରେଟ ହେଉଥିବା ପୁଲିସ ଜାଣିବାକୁ ପାଇଛି। କେବଳ ସେତିକି ନୁହେଁ, ଭିଡ଼ ହୋଇଥିବା ଆମ ବସରେ ଚଢିବା ଓ ଲୁଟ ପାଟ କରିବା ଭଳି ସାଙ୍ଘାତିକ ଅଭିଯୋଗ ଏମାନଙ୍କ ନାଁ ରେ ରହିଛି। ବିଭିନ୍ନ ଟ୍ରାଫିକ ପୋଷ୍ଟରେ ଭିକ୍ଷାବୃତ୍ତି କରିବା ଆଳରେ ଲୁଟ କରିବା ଆଳରେ ଅଭିଯୋଗ ମଧ୍ୟ ଏହି ଗ୍ରୁପ ବିରୋଧରେ ରହିଛି। ଏମାନଙ୍କୁ ବହୁ ପୂର୍ବରୁ କମିସନରେଟ ପୁଲିସ ଗିରଫ କରିଛି।




## ପ୍ରଦୂଷଣରେ କଲବଲ ରାଜଧାନୀବାସୀ

# ପ୍ରତିଦିନ ମୁଣ୍ଡାଉଛନ୍ତି ୬ ସିଗାରେଟ୍‌ର ରୋଗ

ଭୁବନେଶ୍ୱର, ୩।୨(ସମ୍ପୂର୍ଣ୍ଣା ଦାସ): ଜଣେ ବ୍ୟକ୍ତି ୬ଟି ସିଗାରେଟ୍ ଟାଣିବାରେ ତାହା ଶରୀରକୁ ଯେତିକି କ୍ଷତି ପହଞ୍ଚାଉଛି ଭୁବନେଶ୍ୱରରେ ପ୍ରତ୍ୟେକ ଲୋକ ଦୈନିକ ସେହି ପରିମାଣର ସ୍ୱାସ୍ଥ୍ୟଗତି କ୍ଷତି ସହୁଛନ୍ତି। ଅର୍ଥାତ୍ ବାୟୁମଣ୍ଡଳର ଯେଉଁ ଗୁଣବତ୍ତା ରହିଛି ତାହା ଭୟଙ୍କର ଧୂମପାନ ସହ ସମାନ। ବାୟୁର ଗୁଣବତ୍ତା ନେଇ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରୁ ଏହା ପ୍ରାମାଣିତ ହୋଇଛି। ଦୂଷିତ ବାୟୁ ଯୋଗୁଁ ଚର୍ମ ଏବଂ ଶ୍ୱାସ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

**■ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସବୁଠାରୁ ପ୍ରଦୂଷିତ**

ବର୍ତ୍ତମାନ ଭୁବନେଶ୍ୱରରେ ବାୟୁମଣ୍ଡଳର ଗୁଣବତ୍ତା ଭୟଙ୍କର ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ହେଲ୍‌ଥ ଆଡ୍‌ଭାଇସ୍ ଫର୍ ପିପୁଲ୍ ଲିଭିଂ ପକ୍ଷରୁ ସଦ୍ୟପ୍ରକାଶିତ ରିପୋର୍ଟ ଅନୁଯାୟୀ କାରଣ ଧୂମପାନ ଯୋଗୁଁ ମଣିଷର ଶ୍ୱାସନଳୀ, ଫୁସଫୁସ୍ ଓ ଶରୀର ଉପରେ ଯେଉଁସବୁ ପ୍ରଭାବ ପଡ଼ିଥାଏ, ତାହା ଏବେ ପ୍ରଦୂଷିତ ବାୟୁ ଯୋଗୁଁ ସମଅନୁପାତରେ ପ୍ରତିକୂଳ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡୁଛି। ବୈଜ୍ଞାନିକ ଏବଂ ଡାକ୍ତରଙ୍କ ମତରେ ଗୋଟିଏ ସିଗାରେଟ୍ ଟାଣିଲେ ବ୍ୟକ୍ତିର ୨୨ ମିନିଟ୍ ଆୟୁଷ କମିଥାଏ। ସେହିଭଳି ରାଜଧାନୀବାସୀଙ୍କ ଆୟୁଷ ମଧ୍ୟ ପ୍ରତିଦିନ ସେହିକ୍ରମରେ କମୁଛି ବୋଲି କୁହାଯାଇପାରେ। ପ୍ରକାଶ ପାଇଥିବା ତଥ୍ୟ ମୁତାବକ ଦିନକୁ ୨ ଘଣ୍ଟା ୧୨ ମିନିଟ୍ କ୍ଷୟ ହେଉଛି। ଫଳରେ ଦିଲ୍ଲୀ ଭଳି ପରିସ୍ଥିତି ଭୁବନେଶ୍ୱରରେ ହେବାର ଆଶଙ୍କା ବଢ଼ିବା ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛି। ଫଳରେ ବିନା ମାସ୍କରେ ଲୋକ ଘରୁ ଗୋଡ କାଢିବାକୁ ସଙ୍କୋଚ ଅନୁଭବ କରୁଛନ୍ତି। ବିଭିନ୍ନ ପ୍ରକାରର ରୋଗର ମଧ୍ୟ ପ୍ରଦୂଷିତ ବାୟୁ କାରଣ ସାଜୁଛି। ବର୍ତ୍ତମାନ ରାଜଧାନୀରେ ଏକ୍ୟୁଆଇ ପରିମାଣ ୨୦୦ରୁ ଅଧିକ ରହୁଥିବା ଦେଖିବାକୁ ମିଳୁଛି। ଯାହା ଥଣ୍ଡା, କାସ ଏବଂ ଶ୍ୱାସ ରୋଗୀଙ୍କ ସଂଖ୍ୟା ବଢ଼ାଉଥିବାବେଳେ ହୃଦ୍‌ରୋଗ, ଫୁସଫୁସ ଓ ଶ୍ୱାସନଳୀଜନିତ ରୋଗକୁ ଟାଣୁଛି କହିଲେ ଭୁଲ ହେବନି।

ଏ ସମ୍ପର୍କରେ ଆନେସ୍ଥେସିଓଲୋଜି ଏବଂ କ୍ରିଟିକାଲ କେୟାର ମେଡିସିନ୍‌ର ପ୍ରଫେସର ଡା. ଦେବାଶିଷ ସ୍ୱାଇଁ କୁହନ୍ତି, ବର୍ତ୍ତମାନ ସମୟରେ ଗାଡି ମୋଟରରୁ, ବିଭିନ୍ନ କାରଖାନା ଆଦି ସ୍ଥାନରୁ ନିର୍ଗତ ଧୂଆଁ, ରାସ୍ତାଘାଟରେ ଉଡୁଥିବା ଧୂଳି ଏହି ସ୍ଥିତିକୁ ଅଧିକ ଜଟିଳ କରୁଛି। ଲୋକ ଯେତେବେଳେ ଏହାକୁ ନିଶ୍ୱାସରେ ନେଉଛନ୍ତି ତାହା ଫୁସଫୁସକୁ ଯାଇ ଧୀରେ ଧୀରେ ଶରୀରକୁ କ୍ଷତି ପହଞ୍ଚାଉଛି। ଫଳରେ କାଶ, ନିଶ୍ୱାସ ନେବାରେ କଷ୍ଟ ହେବା ଏବଂ ପରବର୍ତ୍ତୀ ସମୟରେ କାଶରେ ରକ୍ତ ପଡ଼ିବାର ସମ୍ଭାବନା ମଧ୍ୟ ରହିଥାଏ। ଆଲର୍ଜି ବ୍ରୋଙ୍କାଇଟିସ, ବ୍ରୋଙ୍କି ଏକଟାସିସ ଏବଂ ସିଓପିଡି, ଗ୍ୟାସ ସକ୍ସିସିଟି ଆଦି ମଣିଷ ଶରୀରରେ ପରିଲକ୍ଷିତ ହୋଇଥାଏ। କିନ୍ତୁ ଏହା ପୂରା ଭୁବନେଶ୍ୱର ପାଇଁ ଆମେ କହିପାରିବା ନାହିଁ। କାରଣ ଭୁନନେଶ୍ୱରର କିଛି ଅଞ୍ଚଳର ଏକ୍ୟୁଆଇ ଅଧିକ ଥିବାବେଳେ କିଛି ଅଞ୍ଚଳର କମ ରହୁଛି। ତେଣୁ ଯେଉଁ ଅଞ୍ଚଳରେ ପ୍ରଦୂଷଣ ଅଧିକ ସେଠାରେ ଏପରି ସ୍ଥିତି ଉପୁଜିଥାଏ। ଯେପରି ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ହୋଇଥିବାରୁ ସେଠାରେ ଅନ୍ୟସ୍ଥାନ ଅପେକ୍ଷା ଅଧିକ ରହିଥିବାବେଳେ ସମାନ ସମୟରେ କେଉଁଠି ଏକ୍ୟୁଆଇ କମ ରହିଥାଏ। ସାଧାରଣତଃ ଟ୍ରାଫିକ୍ ଆୱାରରେ ଏହା ଅଧିକ ରହୁଛି। ତେଣୁ ଏଭଳି ପରିସ୍ଥିତିରେ ପ୍ରଥମେ ଲୋକ ସଚେତନ ହେବା ଆବଶ୍ୟକ। ବହୁଳ ପରିମାଣରେ ଆଖପାଖରେ ଗଛ ଲଗାବା, ଧୂମ୍ରପାନ ବନ୍ଦ କରିବା ଏବଂ ବାହାରକୁ ଯିବା ସମୟରେ ନିୟମିତ ମୁହଁରେ ମାସ୍କ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି।











## ନବମ ଦିନରେ ଆଦିବାସୀ ମେଳା

# ମଞ୍ଚରେ ନାଚଗୀତ; ମେଳାରେ ଘରକରଣା ସାମଗ୍ରୀ

ଭୁବନେଶ୍ୱର, ୩।୨(ସମିସ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୨୬ର ନବମ ଦିବନରେ ପହଞ୍ଚିଛି। ମେଳାର ଅବଧି ସରିଆସୁଥିବା ବେଳେ ଦର୍ଶକଙ୍କ ଭିଡ଼ ମଧ ବଢ଼ି ଚାଲିଛି। ଅପରାହ୍ଣ ୨ଟାରୁ ରାତି ୯ଟା ଯାଏ ବିଭିନ୍ନ ବର୍ଗର ଦର୍ଶକମାନେ ଆଦିବାସୀ ଜନଜାତିଙ୍କ ଦ୍ୱାରା ନିର୍ମିତ ଘର ବୁଲି ଦେଖିବା ସାଙ୍ଗକୁ ସେମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ଆକର୍ଷଣୀୟ ଘରସଜା ସାମଗ୍ରୀ ପ୍ରତି ଆଗ୍ରହ ବଢୁଥିବା ଦେଖିବାକୁ ମିଳିଛି। ତା ସାଙ୍ଗକୁ ପ୍ରତି ସନ୍ଧ୍ୟାରେ ମେଳାର ସାଂସ୍କୃତିକ ମଞ୍ଚରେ ଦର୍ଶକମାନେ ଜନଜାତିଙ୍କ ନୃତ୍ୟକୁ ମନଭରି ଉପଭୋଗ କରୁଛନ୍ତି।



ବାଉଁଶରେ ତିଆରି ହୋଇଛି ନିଆରା କଳାକୃତି। ବାଉଁଶରୁ ବିଭିନ୍ନ ଘରସଜା ସାମଗ୍ରୀ ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟୁଛି। ଏହା କେବଳ ଗ୍ରାହକଙ୍କୁ ଆକୃଷ୍ଟ କରୁନି ବରଂ କାରିଗରମାନଙ୍କୁ ମଧ ରୋଜଗାରକ୍ଷମ କରିପାରିଛି। ଦିନକୁ ଦିନ ଲୋକଙ୍କ ରୁଚି ବଦଳିବାରେ ଲାଗିଛି। ବର୍ତ୍ତମାନ ବାଉଁଶରେ ତିଆରି ବିଭିନ୍ନ କାରୁକାର୍ଯ୍ୟର ଚାହିଦା ବୃଦ୍ଧି ପାଉଥିବାରୁ କାରିଗରମାନେ ମଧ ଆଖିଦୃଶିଆ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଯାହାର ଉଦାହରଣ ଦେଖିବାକୁ ମିଳିଛି ଆଦିବାସୀ ମେଳାରେ। ଏହି ପ୍ରଦର୍ଶନୀରେ ବାଲେଶ୍ୱର ନୀଳଗିରିରୁ ଆସିଥିବା ଜନଜାତି ମହିଳାମାଙ୍କଦ୍ୱାରା ବାଉଁଶରୁ ନିର୍ମିତ ବିଭିନ୍ନ କଳାକୃତି କିଣିବାକୁ ଭିଡ଼ ଜମିଥିଲା। ବିଶେଷ କରି ବାଉଁଶକୁ କାଟି ବିଭିନ୍ନ ଆକୃତିରେ ନିଖୁଣଭାବେ ତିଆରି କରାଯାଉଥିବା ବିଭିନ୍ନ କଳାକୃତି ପ୍ରସ୍ତୁତ ପ୍ରଣାଳୀକୁ ଦେଖିବାକୁ ମଧ ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମୁଛି। ସେହିପରି ମୟୁରଭଞ୍ଜରୁ ବାଉଁଶ କାରିଗରମାନେ ପାତରୁ ପ୍ରସ୍ତୁତ ବିଭିନ୍ନ ଫୁଲ କୁଣ୍ଡ, ମନ୍ଦିର ଆକୃତିର ଠାକୁରଙ୍କ ଖଟୁଲି, ପେନ୍ ଷ୍ଟାଣ୍ଡ, ବାଉଁଶର ୱାଲ ହ୍ୟାଙ୍ଗିଂରେ ବିଭିନ୍ନ ଦେବାଦେବୀଙ୍କ ଫଟୋ ତିଆରି କରିଛନ୍ତି। ଯାହାକୁ ଦେଖିଲେ ଆଖି ଲାଗିଯାଉଥିବା ଦର୍ଶକମାନେ କହିଛନ୍ତି। ଏଥିପାଇଁ ବାଉଁଶକୁ କାଟି ସେସବୁକୁ ଔଷଧୀୟ ପ୍ରଣାଳୀରେ ପ୍ରୋସେସିଂ କରାଯାଇ ସେଥିରୁ କାରିଗରୀ ତିଆରି କରାଯାଉଛି। ୱାଲ୍ ହାଙ୍ଗିଙ୍ଗ୍‌ଠାରୁ ଆରମ୍ଭ କରି ଚୁଡି, କ୍ଲିପ୍, ଝୁଡି, ବିଭିନ୍ନ ଡିଜାଇନ୍‌ର ଫୁଲଦାନୀ ରହିଛି। କମ୍ ଦାମ୍‌ରେ ମଜ୍‌ବୁତ୍ ଓ ନୂଆ ଡିଜାଇନ୍‌ର ସାମଗ୍ରୀ ମିଳୁଥିବାରୁ ପ୍ରତିଦିନ ଲୋକଙ୍କର ଭିଡ଼ ଜମୁଛି। ଏସବୁ ସାମଗ୍ରୀର ଦାମ୍ ୫୦ଟଙ୍କାରୁ ଆରମ୍ଭ ହୋଇ ୨ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।



■ ବାଉଁଶ ନିର୍ମିତ ସାମଗ୍ରୀର ବଢୁଛି ଚାହିଦା

## ତୁଷାରଶ୍ରୀ ଯାତ୍ରା କଳାକାର ସମ୍ମାନ



ଭୁବନେଶ୍ୱର, ୩।୨(ସମିସ): ତୁଷାର ଚାରିଟେବୁଲ ଟ୍ରଷ୍ଟ ଏବଂ ମା' ସୁନାଦେଇ ୱାକର୍ସ କ୍ଲବର ବାର୍ଷିକ ଉତ୍ସବ ଅବସରରେ ଗୀତଗୋବିନ୍ଦ ସଦନଠାରେ ପଞ୍ଚମ ତୁଷାରଶ୍ରୀ ଯାତ୍ରା କଳାକାର ସମ୍ମାନ-୨୦୨୬ ଅନୁଷ୍ଠିତ ହୋଇଛି। ଏଥିରେ ଉଦ୍‌ଘାଟକ ରାଜୀବ ଶେଖର ସାହୁ, ପ୍ରତିଷ୍ଠାତା ଉପଦେଷ୍ଟା ଜଗନ୍ନାଥ ପ୍ରଧାନ, ବୃକ୍ଷପ୍ରେମୀ ସୁନାରାମ ସିଂହ, ସମାଜସେବୀ ନବକିଶୋର ବେହେରା, ସମାଜସେବୀ ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ପାଇକ ଆଖଡ଼ା ସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ସନ୍ତୋଷ ଜେନା, ନାଟ୍ୟ ନିର୍ଦ୍ଦେଶକ ଅବିନାଶ ଦଣ୍ଡପାଟ ଓ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ବାରିକ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରେଷ୍ଠ ନାଟକ ଭାବରେ ରଙ୍ଗମହଲର ନାଟକ 'ନଅଙ୍କ ଦୁର୍ଭିକ୍ଷ'କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଲୋକପ୍ରିୟ ନାଟକ ଭାବରେ କୋଣାର୍କ ଗଣନାଟ୍ୟର 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ଓ ଯାତ୍ରା ରଙ୍ଗ ମହଲର 'କଟି କଟି ଡବଲ କଟି'କୁ ପୁରସ୍କୃତ କରାଯାଇଥିଲା। ପରେ ପରେ ଶ୍ରେଷ୍ଠ ନାଟ୍ୟକାର ଭାବେ ଡ. ଦୀପକ ଜେନା, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଗୁରୁପ୍ରସାଦ ମିଶ୍ର ଓ ଦୀନେଶ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଗୀତିକାର ନିଗମ ମିଶ୍ର, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଳା ଓ ଶ୍ରେଷ୍ଠ ଗୀତିକାର ସାସମଲ ମାନସଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଭିନୟନରେ ସ୍ୱତନ୍ତ୍ର ସମ୍ମାନ- ପୀୟୁଷ ତ୍ରିପାଠୀ, ଲୋକପ୍ରିୟ ନାୟକ ବିନୋଦ କୁମାର, ଲୋକପ୍ରିୟ ନାୟିକା ବେବିନା, କାବେରୀ ପାଢ଼ୀ ଏବଂ ୬୦ରୁ ଉର୍ଦ୍ଧ୍ୱ କଳାକାର, ପ୍ରଯୋଜକ, ନବାଗତ ଯାତ୍ରା ଅନୁଷ୍ଠାନ, ପ୍ରଚ୍ଛଦପଟ ଯାତ୍ରାଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥି ଭାବରେ ପ୍ରଶାନ୍ତ ମହାନ୍ତି, ରୀତା ମହାନ୍ତି, ଭଜକୃଷ୍ଣ ମହାନ୍ତି, ବିବେକାନନ୍ଦ ବାରିକ, ପ୍ରଭାତୀ ବାରିକ, ଅରବିନ୍ଦ ବାରିକ ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କ ଯାତ୍ରା ସମ୍ମାନରେ ସମ୍ମାନିତ କରିଥିଲେ। ଶୃଙ୍ଖଳିତ ଯାତ୍ରା ଅନୁଷ୍ଠାନ ଭାବରେ ଶିବାନୀ ଗଣନାଟ୍ୟକୁ ସମ୍ମାନିତ କରାଯାଇଥିଲା।

## 'ଛାତ୍ର ମାନସିକ ସ୍ୱାସ୍ଥ୍ୟ ଏବଂ ଆତ୍ମହତ୍ୟା ସଚେତନତା' ୱେବିନାର

ଭୁବନେଶ୍ୱର, ୩।୨(ସମିସ): ସୁସ୍ଥ ଏବଂ ପରିପୂର୍ଣ୍ଣ ଜୀବନ ପାଇଁ ମାନସିକ ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ଜରୁରୀ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା, ଅଧୀନସ୍ଥ 'ଆମ ଗୌରବ ଆମ କଲେଜ' ଦ୍ୱାରା ୩୦ଟି ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକୁ ନେଇ ଆୟୋଜିତ ଭର୍ଚୁଆଲ କର୍ମଶାଳାରେ ମୁଖ୍ୟବକ୍ତା ଡ. ନିର୍ଲିପ୍ତ ଦାଶ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କ ମଧରେ ଆତ୍ମହତ୍ୟାର ପ୍ରଚଳନ, ସାଧାରଣ ବିପଦ କାରଣ ଏବଂ ମାନସିକ ସ୍ୱାସ୍ଥ୍ୟ କଷ୍ଟର ପ୍ରାରମ୍ଭିକ ଚେତାବନୀ ସଙ୍କେତଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା କରାଯିବା ସହ ଆତ୍ମହତ୍ୟା ନିବାରଣରଣ ନୀତି, ସମୟୋଚିତ ସାହାଯ୍ୟ ପାଇବାର ଗୁରୁତ୍ୱ ଏବଂ ସଂଘର୍ଷ କରୁଥିବା ସାଥୀମାନଙ୍କୁ ସମର୍ଥନ କରିବାର ଉପାୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ୱେବିନାରକୁ ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନର ପରିଚାଳକ ହରିହର ବଡ଼ପଣ୍ଡା ଏବଂ କର୍ମଚାରୀ ସୌମ୍ୟ ରଞ୍ଜନ ଉଦ୍‌ଗାତା, ଚୈତାଳୀ ସୋମ୍, ସ୍ୱାତୀ ପ୍ରଭା ମିଶ୍ର, ପ୍ରତିନନ୍ଦା ମହାପାତ୍ର ଓ ଅଭିରାମ ଜେନା ପରିଚାଳନା କରିଥିବା ବେଳେ ରାଜ୍ୟର ୧୫ଟି ଜିଲ୍ଲାର ୩୦ଟି କଲେଜରୁ ପ୍ରାୟ ୩ହଜାର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ସଂସ୍କୃତି ବିଶ୍ୱବିଦ୍ୟାଳୟର ପାରମ୍ପରିକ ଖାଦ୍ୟପେୟ ସଂକ୍ରାନ୍ତ ଆଲୋଚନାଚକ୍ର

ଭୁବନେଶ୍ୱର, ୩।୨(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ପାରମ୍ପରିକ ଖାଦ୍ୟପେୟ ସମ୍ପର୍କରେ ଏକଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ବାଚସ୍ପତି ସୁରମା ପାଢ଼ୀ ଓଡିଆର ଖାଦ୍ୟ ସାରା ବିଶ୍ୱରେ ଲୋକପ୍ରିୟ ହେବା ସହ ପଖାଳ ଦିବସ, ରସଗୋଲା ଦିବସ ପାଳନ ଏ ଜାତିର ଖାଦ୍ୟ ସଂସ୍କୃତିକୁ ନୂଆ ଶିଖରରେ ପହଞ୍ଚାଇଛି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏବଂ ଅତିଥି ଭାବେ ବିଶ୍ୱ ଓଡିଆ ପରିବାରର ଅଧକ୍ଷ ସଜନ ଶର୍ମା ଯୋଗଦେଇ ଘରେ ମାଆର ହାଣ୍ଡିଶାଳର ମହତ୍ତ୍ୱକୁ ବଖାଣିଥିଲେ। କୁଳସଚିବ ଅନାମିକା ଅଧିକାରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗବେଷଣାତ୍ମକ ପୁସ୍ତକ 'ଓଡ଼ିଶାର ଜୈନ ଧର୍ମ ଓ ସଂସ୍କୃତି' ଲୋକାର୍ପିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୩୬ଟି ହୋଟେଲ ମ୍ୟାନେଜମେଣ୍ଟ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ତଥା ଆଲୋଚନାଚକ୍ରର ଆବାହକ ପ୍ରଫେସର ଧରଣୀଧର ରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ।



## ଦିଲ୍ଲୀର ଜନରାଜ୍ୟ ଦିବସ ପ୍ୟାରେଡ଼ରେ ପିଏମ୍‌ଶ୍ରୀ ସ୍କୁଲ୍‌ର ଛାତ୍ରଙ୍କ କୃତିତ୍ୱ



ଭୁବନେଶ୍ୱର, ୩।୨ (ସମିସ) : କଟକ ଜିଲ୍ଲା ପିଏମ୍‌ଶ୍ରୀ ସାଲେପୁର ହାଇସ୍କୁଲର ଏନ୍‌ସିସିର ନବମ ଶ୍ରେଣୀ ଛାତ୍ର ସ୍ୱୟଂସିଦ୍ଧ ମହାନ୍ତି ଗତ ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଦିଲ୍ଲୀରେ ଅନୁଷ୍ଠିତ ପ୍ୟାରେଡ଼ରେ ଓଡ଼ିଶାରୁ ଯୋଗ ଦେଇଥିଲେ। ସେଠାରେ ଅନୁଷ୍ଠିତ ପ୍ୟାରେଡ଼ରେ ଉଚ୍ଚକୋଟୀର ପ୍ୟାରେଡ଼ ପ୍ରଦର୍ଶନ କରି ସ୍ୱୟଂସିଦ୍ଧ ରାଜ୍ୟର ଗୌରବ ବଢ଼ାଇ ରଖିବା ସହିତ ପିଏମ୍‌ଶ୍ରୀ ସାଲେପୁର ହାଇସ୍କୁଲକୁ ଗୌରବାନ୍ୱିତ କରିଛନ୍ତି। ସ୍ୱୟଂସିଦ୍ଧ ହେଉଛନ୍ତି କଟକ ଜିଲ୍ଲା ସାଲେପୁର ବ୍ଲକ ଅନ୍ତର୍ଗତ ତେନ୍ତୋଳ ଗ୍ରାମର ହିମାଂଶୁ ଶେଖର ମହାନ୍ତି ଓ ଅପରାଜିତା ମହାନ୍ତିଙ୍କ ପୁତ୍ର। ଫେବୃଆରୀ ମାସ ଦ୍ୱିତୀୟ ସପ୍ତାହରେ ଓଡ଼ିଶାର ମହାମହିମ ରାଜ୍ୟପାଳ ସ୍ୱୟଂସିଦ୍ଧଙ୍କୁ ସ୍ୱର୍ଣ୍ଣପଦକ ସହିତ ନଗଦ ୧୦ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିବେ ବୋଲି ପିଏମ୍‌ଶ୍ରୀ ସଲେପୁର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପରିଡ଼ା ପ୍ରକାଶ କରିଛନ୍ତି।

## ୬ରୁ ଧଉଳି-କଳିଙ୍ଗ ମହୋତ୍ସବ

## ଅନନ୍ତ ମହାପାତ୍ର ପାଇବେ 'ବୁଦ୍ଧ ସମ୍ମାନ'



■ ଲଳିତ ମାନସିଂହଙ୍କୁ 'ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ' ଓ ୩ବିଶିଷ୍ଟ ବ୍ୟକ୍ତିଙ୍କୁ 'ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୩।୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ୨୨ତମ ଧଉଳି-କଳିଙ୍ଗ ମହୋତ୍ସବ। ଧଉଳି ପାହାଡ଼ର ପାଦ ଦେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଦେଶବିଦେଶର ଖ୍ୟାତିସମ୍ପନ୍ନ କଳାକାର ମାନେ ନୃତ୍ୟ ଓ ସଙ୍ଗୀତ ମାଧମରେ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରିବେ। ଏହି ଅବସରରେ ପ୍ରତିବର୍ଷ ଭଳି ଏଥର ମଧ ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପରିଚିତ ପାଇଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ 'ବୁଦ୍ଧ ସମ୍ମାନ' ଓ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ଚଳିତ ବର୍ଷ ଏହି ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ରଙ୍କୁ 'ବୁଦ୍ଧ ସମ୍ମାନ' ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ଶ୍ରୀ ମହାପାତ୍ରଙ୍କୁ ୨ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ଏହାସହ ପୂର୍ବତନ ଭାରତୀୟ କୂଟନୀତିଜ୍ଞ ଲଳିତ ମାନସିଂହଙ୍କୁ 'ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ' ପ୍ରଦାନ କରାଯିବା ସହ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସିକତା ଦାସ, ବିଶିଷ୍ଟ ଗାୟକ ତଥା ସଙ୍ଗୀତକାର ମନ୍ମଥ ଶତପଥୀ, ପ୍ରସିଦ୍ଧ ଗବେଷକ ଡ. ଚିତ୍ତରଞ୍ଜନ ମଲ୍ଲିଆଙ୍କୁ 'ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଗୁରୁ ଡ. ଅରୁଣା ମହାନ୍ତି, ସଂସ୍କୃତି ବିଭାଗ ପକ୍ଷରୁ ସୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ନିଜ ନିଜର ଆକାଶ'କହିଲା ସ୍ୱପ୍ନ ଓ ବାସ୍ତବତା ଭିତରେ ଫରକ

ଭୁବନେଶ୍ୱର, ୩।୨(ସମିସ): ଏକମାତ୍ର ପୁଅ ସୋମେଶର ଭବିଷ୍ୟତ ଗଢିବା ପାଇଁ ନିଜର ସମଗ୍ର ଜୀବନକୁ ଉତ୍ସର୍ଗ କରିଦିଅନ୍ତି ବାସୁଦେବ। ସେ ଜାଣିନଥାନ୍ତି ସ୍ୱପ୍ନ ଓ ବାସ୍ତବତା ମଝିରେ ଥିବା ଫରକଟି କ'ଣ, ଯାହା ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ମୋହଗ୍ରସ୍ତ କରିଥାଏ। ଏମିତି ଏକ ମଧବିତ୍ତ ପରିବାରର ବିଷୟବସ୍ତୁ ଭିତରେ ଛନ୍ଦିହେଉଥିବା ଜୀବନ, ଜଞ୍ଜାଳ, ଆଶା, ନିରାଶା, ସୁଖ, ଦୁଃଖ, ସ୍ୱପ୍ନ ଓ ସଂଘର୍ଷକୁ ନେଇ ମଞ୍ଚସ୍ଥ ହୋଇଯାଇଛି ନାଟକ 'ନିଜ ନିଜର ଆକାଶ'। ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟ ଧାରା ପକ୍ଷରୁ ମଙ୍ଗଳବାର ଭଞ୍ଜକଳା ମଣ୍ଡପରେ ସେରିୟସ ଜୋନ୍, ନାଟ୍ୟ ଅନୁଷ୍ଠାନ ଦ୍ୱାରା ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ର ଶେଖର ହୋତା ଏବଂ ନାଟ୍ୟ ନିର୍ଦ୍ଦେଶକ ପବିତ୍ର କୁମାର ମହାନ୍ତି ଯୋଗ ଦେଇଥିଲେ। ସୁଧାଂଶୁ ମୋହନ ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିଲେ।

● 'ଜୀବନ୍ୟାସ' ମଞ୍ଚସ୍ଥ

## ଖପୁରି କହିଲା ୨୬୦ ବର୍ଷ ତଳର ଆତ୍ମଜୀବନୀ

ଭୁବନେଶ୍ୱର, ୩।୨(ସମିସ): ଯୁଗେଯୁଗେ ଗରିବ ଉପରେ ଧନୀମାନଙ୍କର ଅତ୍ୟାଚାର ଓ ଶୋଷଣ ଚାଲିଆସିଛି। ସବୁସମୟରେ ଦେଖାଯାଇଛି ଧନୀଲୋକମାନେ ପୁଲିସ୍ ଓ ବାବାଙ୍କ ସହାୟତାରେ ଗରିବମାନଙ୍କ ଉପରେ ହାକିମାତି ଦେଖାଇ ଆସିଛନ୍ତି। ବେତାଳିଗାଁର ଚାଷୀ ତଥା ଜମିଦାର ଧନେଶ୍ୱର ମହାନ୍ତି, ପୁଲିସ୍ ଓ ବାବାଙ୍କ ମାଧମରେ ଲୋକମାନଙ୍କୁ ଲୁଣ୍ଠନ କରନ୍ତି। ଥରେ ବାବା ଜଗତ୍‌ଗୁରୁ ଉଦ୍‌ଭଟାଚାର୍ଯ୍ୟ ଜଙ୍ଗଲ ମଝିରେ ପାଦରେ ଚାଲିଚାଲି ଧନେଶ୍ୱର ମହାନ୍ତି ଘରକୁ ଯାଉଥା'ନ୍ତି। ବାଟରେ ଗୋଟେ ଖପୁରୀକୁ 'ଜୀବନ୍ୟାସ' ମନ୍ତ୍ର ବଳରେ ମଣିଷ କରିଦିଅନ୍ତି। ଜଣା ପଡ଼େ ସେ ଲୋକଟି ୨୬୦ ବର୍ଷ ତଳର ମଲା। ବଞ୍ଚିଗଲା ପରେ ସିଏ ରହିବାକୁ ଘର, ଖାଇବାକୁ ଖାଦ୍ୟ ଓ ପିନ୍ଧିବାକୁ ବସ୍ତ୍ର ମାଗେ। ପ୍ରକୃତରେ ତା'କୁ କ'ଣ ଏସବୁ ମିଳେ? ଏମିତି କିଛି କଥା ବସ୍ତୁକୁ ନେଇ ନାଟ୍ୟ ଅନୁଷ୍ଠାନ ଶତାବ୍ଦୀର କଳାକାର ପକ୍ଷରୁ ରବିବାର ବିଜୁ ନାଟ୍ୟ କେନ୍ଦ୍ରଠାରେ ନାଟକ 'ଜୀବନ୍ୟାସ' ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକର ରଚନା ଧୀର ମଲ୍ଲିକ୍ କରିଥିବା ବେଳେ ସନ୍ତୋଷ ମହାନ୍ତି ନିର୍ଦ୍ଦେଶନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ନାଟ୍ୟକାର ବିଜୟ ଦାସ, ଲଳିତ ନାରାୟଣ ରଥ, ସଭାପତି ଡ଼. ଗୌରହରି ଦାସ, ସାଧାରଣ ସମ୍ପାଦକ ଧୀର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ବିଘ୍ନରାଜ ଜେନା, ସଙ୍ଗୀତ ନିର୍ଦ୍ଦେଶକ ବସନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ୮ରେ ସୁଧା ସର୍ଜନା ମହାମହୋତ୍ସବ



ନନ୍ଦନକାନନ, ୩।୨(ସମିସ): ସତସଙ୍ଗ ଶ୍ରୀମନ୍ଦିରର ପ୍ରତିଷ୍ଠା ବାର୍ଷିକୀ ଅବସରରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ତତ୍ସହ ସୁଧା ସର୍ଜନା ମହାମହୋତ୍ସବ ଆସନ୍ତା ରବିବାର ଫେବୃୟାରୀ-୮ ଉତ୍ତର ଭୁବନେଶ୍ୱର କୁଆଖାଇ ନଦୀପଠା ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆ (ବରିମୁଣ୍ଡ ସନ୍ନିକଟ)ରେ ଅନୁଷ୍ଠିତ ହେବ। ଉତ୍ସବ ଦିନ ପ୍ରତ୍ୟୁଷରେ ବେଦ ମାଙ୍ଗଳିକ, ନହବତ, ଉଷାକୀର୍ତନ, ସମବେତ ବିନତୀ ପ୍ରାର୍ଥନା, ସଦଗ୍ରନ୍ଥ ପାଠ କରାଯିବ। ତତ୍ପରେ ବାର୍ଷିକ ସ୍ମରଣିକା 'ତର୍ପଣ'ର ଉନ୍‌ମୋଚନ, ଧର୍ମସଭା ସହ ଦିବସବ୍ୟାପୀ ମାତୃମଞ୍ଚ ଓ ଭାତୃମଞ୍ଚରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ଓ କୀର୍ତ୍ତନ ପରିବେଷିତ ହେବ। ଏଥିସହ ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯିବ। ସନ୍ଧ୍ୟାରେ ବିନତୀ ପ୍ରାର୍ଥନା ପରେ ଭାତୃ ମଞ୍ଚରେ'ଦଶାବତାର ଫିଉଜନ ମ୍ୟୁଜିକ୍, ଆଲୋକ ରଶ୍ମି ସହ ଏକ ବିଶେଷ କାର୍ଯ୍ୟକ୍ରମ ପରିବେଷିତ ହେବ। ଏଥିସହ ମାତୃମଞ୍ଚରେ ନାଟକ ପରଶମଣି' ପରିବେଷଣ କରାଯିବ। ସନ୍ଧ୍ୟାର ବିଶେଷ ଆକର୍ଷଣ ଦେଓଘର୍‌ରୁ ଆଗତ 'ହ୍ୱାଇଟ୍ୟାଣ୍ଡ' ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହେବ। ଉତ୍ସବରେ ମଧ୍ୟାହ୍ନରୁ ରାତ୍ର ଯାଏ ଆଗତ ସମସ୍ତ ଶ୍ରଦ୍ଧାଳୁଙ୍କ ଲାଗି ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏଥିସହ ଦିବସବ୍ୟାପୀ ସ୍ୱାସ୍ଥ୍ୟ ଶିବିର, ଆଇନ ପରାମର୍ଶ ଶିବିର ଅନୁଷ୍ଠିତ ହେବ। ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏହି ଭବ୍ୟ ଉତ୍ସବରେ ସମାଜର ସମସ୍ତ ଜନସାଧାରଣ ସପରିବାର ଯୋଗଦେବା ଲାଗି ଉତ୍ସବ କମିଟି ପକ୍ଷରୁ ନିବେଦନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଫେସର ହୃଷିକେଶ ସେନାପତି, କୃପାନିଧି ବିଶ୍ୱାଳ, ରଜନୀକାନ୍ତ ପାଣି, ବୀରଭଦ୍ର ବିଶ୍ୱାଳ, ରଘୁନାଥ ପାଣି, କିଶୋର ଦାଶ, ପ୍ରଭାତ ବସ୍ତିଆ, ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ।

## ଆଜି ବିଶ୍ୱ କର୍କଟ ଦିବସ

# କର୍କଟ ବିଜୟୀ ବିଜୟାଲକ୍ଷ୍ମୀ

ଭୁବନେଶ୍ୱର, ୩।୨(ସମିସ): ଯେଉଁମାନେ ପ୍ରାଣଘାତୀ କର୍କଟର କରାଳ ପଞ୍ଝାରୁ ମୁକ୍ତି ପାଇସାରିଛନ୍ତି ସେମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ସକାରାତ୍ମକ ଭାବନାର ଆଲୋକବର୍ତ୍ତିକା ସାଜି ପାରିବେ। ସେଭଳି ଜଣେ ସାହସୀ ମହିଳା ହେଉଛନ୍ତି ବିଜୟାଲକ୍ଷ୍ମୀ କର। ୧୭ ବର୍ଷ ପୂର୍ବରୁ କର୍କଟରେ ଆକ୍ରାନ୍ତ ହୋଇଥିଲେ ବି ବର୍ତ୍ତମାନ ସେ କର୍କଟ ରୋଗୀଙ୍କ ପାଇଁ ସାଜିଛନ୍ତି ରୋଲ ମଡେଲ।

କର୍କଟକୁ ନେଇ ଏଭଳି ଅନେକଙ୍କ ମନରେ ଆଜିବି ଭୟ ସଞ୍ଚାର ହେଉଛି। କିନ୍ତୁ ନିଜର ଦୃଢ଼ ମନୋବଳ ପାଇଁ ଏହି ରୋଗକୁ ପ୍ରତିହତ କରି ଏବେ ଅନ୍ୟ କର୍କଟ ରୋଗୀଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରୁଛନ୍ତି ଭୁବନେଶ୍ୱରର ରସୁଲଗଡ଼ ଅଞ୍ଚଳର ୬୪ବର୍ଷିୟା ବିଜୟାଲକ୍ଷ୍ମୀ। ୨୦୦୮ ମସିହାରେ ପ୍ରଥମେ ବିଜୟାଲକ୍ଷ୍ମୀଙ୍କ କର୍କଟ (ଆକ୍ୟୁଟ ମେଲଏଡ୍ ଲ୍ୟୁକେମିଆ) ଚିହ୍ନଟ ହୋଇଥିଲା। ଏହାପରେ ସେ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସା କରାଇବା ବେଳେ ତାଙ୍କୁ ବୋନମ୍ୟାରୋ ଟ୍ରାନ୍‌ସପ୍ଲାଣ୍ଟ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟର କଥା ବିନା ବୋନମ୍ୟାରୋ ଟ୍ରାନ୍ସପ୍ଲାଣ୍ଟରେ ମଧ ସେ ବର୍ତ୍ତମାନ ଏକ ସୁସ୍ଥ ଓ ଆନନ୍ଦମୟ ଜୀବନ ଜିଉଁଛନ୍ତି। ତେବେ କର୍କଟ ରୋଗ ସମ୍ପର୍କରେ ଜାଣିବା ପରେ ମଧ ସେ ଭୟଭୀତ ହୋଇ ନ ଥିଲେ ବରଂ ନିଜ ପରିବାର ଲୋକଙ୍କ ମନରେ ସାହସ ଓ ଦମ୍ଭ ଦେଇଥିଲେ। କର୍କଟ ରୋଗର ଅସହ୍ୟ ଯନ୍ତ୍ରଣା, ଚିକିତ୍ସା ଚାଲିଥିବା ବେଳେ କେଶ ହରାଇବା, ଶରୀର ରଙ୍ଗ ଫିକା ପଡ଼ିବା, ଅତ୍ୟଧିକ ଦୁର୍ବଳ ଲାଗିବା, ଖାଦ୍ୟ ଖାଇନପାରିବାର କଷ୍ଟକୁ ସେ ନିଜ ଛାତିରେ ଛାପି ରଖି ଅନ୍ୟମାନଙ୍କୁ ହସାଇଥିଲେ। ଯେଉଁଥିପାଇଁ ସେ ଆଜି ସମାଜରେ କେବଳ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରି ନାହାନ୍ତି ବରଂ ଅନ୍ୟ କର୍କଟ ରୋଗୀଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସାମାଜିକ ଗଣମାଧମରେ ସେ ଜଣେ ମୋଟିଭେସନାଲ ସ୍ପିକର ଭାବେ ମଧ ବେଶ ଜଣାଶୁଣା। ତେବେ ତାଙ୍କର ଏହି ସଂଘର୍ଷର କାହାଣୀ ଏବେ ଅନେକ କର୍କଟ ଆକ୍ରାନ୍ତଙ୍କୁ ବଞ୍ଚିବାର ରାହା ଦେଖାଇଛି। ଏଥିପାଇଁ ବିଭିନ୍ନ ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସେ କର୍କଟ ସଚେତନତା ବାର୍ତ୍ତା ପ୍ରଦାନ କରୁଛନ୍ତି। କର୍କଟ ରୋଗ ଯେତିକି କ୍ଷତିକାରକ ହୋଇନଥାଏ ପାରପାର୍ଶ୍ୱିକ ସ୍ଥିତି ଓ ପରିବାର ଲୋକଙ୍କ ବ୍ୟବହାର, ମାନସିକ ଦୁର୍ବଳତା ରୋଗୀକୁ ଆହୁରୀ ଦୁର୍ବଳ କରିଦିଏ। ଫଳରେ ସେ ରୋଗରୁ ମୁକୁଳିବା କଷ୍ଟକର ହୋଇପଡ଼େ। ଏହାସହିତ ବିଭିନ୍ନ ଗଣମାଧମରେ ବିଜ୍ଞାପନରେ ଦର୍ଶାଯାଉଥିବା ଛବି ମଧ ଅନେକଙ୍କୁ ମାନସିକ କ୍ଷେତ୍ରରେ ଦୁର୍ବଳ କରିଦିଏ। ଶ୍ରୀମତୀ କରଙ୍କ ଆଉ ଏକ ପ୍ରୟାସ ହେଉଛି ସେ କର୍କଟ ରୋଗୀଙ୍କ ଶେଷ ଜୀବନ କିଭଳି ସମ୍ମାନର ସହ କଟିବ ସେଥିପାଇଁ ପ୍ରୟାସ କରିଥାନ୍ତି। ସୂଚନା ପାଇଁ ଘର ଘରେ ପହଞ୍ଚି ସେମାନଙ୍କୁ ସହଯୋଗର ହାତ ବଢ଼ାଇଥାନ୍ତି। ଏହାସହ ଅନେକ ରୋଗୀଙ୍କ ଚିକିତ୍ସା ବାବଦକୁ ଖର୍ଚ୍ଚ ମଧ ହସ୍ପିଟାଲକୁ ସିଧାସଳଖ ପ୍ରଦାନ କରିଥାନ୍ତି। ତାଙ୍କର ଏଭଳି ପ୍ରୟାସ ପାଇଁ ସେ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ମାନୀତ ହୋଇଛନ୍ତି। ତେବେ ସେ ତ୍ରହ୍ୱିଲ କ୍ଲବ, ରୋଟାରୀ କ୍ଲବ ସମେତ ବିଭିନ୍ନ ସଂଗଠନରେ ସାମିଲ ରହି ସେବା ଯୋଗାଉଛନ୍ତି। ଏଭଳି କାର୍ଯ୍ୟରେ ତାଙ୍କୁ ପରିବାର ସଦସ୍ୟ ସହଯୋଗ କରୁଥିବା ସେ କହିଛନ୍ତି।



